SAMBAD
ସମ୍ବାଦ
ମହାନଗର



# ଆଇଆଇଟି ନିର୍ଦ୍ଦେଶକଙ୍କ ସମ୍ମିଳନୀ ଆଜି

ଭୁବନେଶ୍ୱର,୧୦।୯(ଇମିସ): ଦେଶର ୧୪ଟି ଆଇଆଇଟି ନିର୍ଦ୍ଦେଶକଙ୍କ ୧୫୪ତମ ସମ୍ମିଳନୀ ଭୁବନେଶ୍ୱରରେ ଅନୁଷ୍ଠିତ ହେବ। ପ୍ରଥମ ଥର ଲାଗି ଭୁବନେଶ୍ୱରରେ ଅନୁଷ୍ଠିତ ହେବାକୁ ଥିବା ଏହି ସମ୍ମିଳନୀ ଆଇଆଇଟି ଭୁବନେଶ୍ୱରର ଅରୁଗୁଳ କ୍ୟାମ୍ପସରେ କରିବା ଲାଗି ବ୍ୟାପକ ପ୍ରସ୍ତୁତି କରାଯାଇଛି। ଏଥିରେ ଯୋଗଦେବା ଲାଗି ୧୦ଟି ଆଇଆଇଟିର ନିର୍ଦ୍ଦେଶକ ରାଜଧାନୀରେ ପହଞ୍ଚି ସାରିଥିବାବେଳେ ବାକି ୩ଟି ଆଇଆଇଟି ନିର୍ଦ୍ଦେଶକ ଭିଡିଓ କନ୍‌ଫରେନ୍ସିଂ ମାଧ୍ୟମରେ ସମ୍ମିଳନୀରେ ଭାଗନେବେ।

ରବିବାର ଅପରାହ୍ନ ୨ଟାରୁ ୫ଟା ପର୍ଯ୍ୟନ୍ତ ଅନୁଷ୍ଠିତ ହେବାକୁ ଥିବା ଏହି ସମ୍ମିଳନୀରେ ଆଇଆଇଟିଗୁଡ଼ିକର ବିଭିନ୍ନ ସମସ୍ୟା, ପାଠ୍ୟକ୍ରମ, ପରିଚାଳନା ଆଦି ବିଷୟରେ ଆଲୋଚନା ହେବ। ବିଶେଷକରି ଆଇଆଇଟିର ଭବିଷ୍ୟତ ଶିକ୍ଷା, ଅଧ୍ୟାପକ, କର୍ମଚାରୀଙ୍କ ସମସ୍ୟା, ଗତ ୨୩ ତାରିଖରେ ନୂଆଦିଲ୍ଲୀରେ ଅନୁଷ୍ଠିତ ଆଇଆଇଟି ପରିଷଦ ବୈଠକରେ ନିଆଯାଇଥିବା ନିଷ୍ପତ୍ତି ଉପରେ ବିଚାର ବିମର୍ଶ କରାଯିବ। ଏଥିସହ ଆଇଆଇଟି ଆଲୁମିନି ଆସୋସିଏସନ, ରିସର୍ଚ୍ଚ ଫେଲୋସିପ୍, ଛାତ୍ରଛାତ୍ରୀଙ୍କୁ ଶିକ୍ଷା ଋଣ ପ୍ରଦାନ, ନିଯୁକ୍ତି ସୁଯୋଗ ସୃଷ୍ଟି, କୁଳସଚିବମାନଙ୍କ ବୈଠକ ସମ୍ପର୍କରେ ଗୁରୁତ୍ୱାରୋପ କରାଯିବ।

ଭୁବନେଶ୍ୱର ଆଇଆଇଟି ନିର୍ଦ୍ଦେଶକ ଆର.ଭି. ରାଜାକୁମାରଙ୍କ ଅଧ୍ୟକ୍ଷତାରେ ଏହି ସମ୍ମିଳନୀ ଅନୁଷ୍ଠିତ ହେବ। ଦିଲ୍ଲୀ ଆଇଆଇଟିର ନିର୍ଦ୍ଦେଶକ ପ୍ରଫେସର ଭି. ରାମଗୋପାଳ ରାଓ, ରୁରକିର ପ୍ରଫେସର ପ୍ରଦୀପ୍ତ ବାନାର୍ଜୀ, କାନପୁରର ପ୍ରଫେସର ଇନ୍ଦ୍ରନିଲ୍ ମାନ୍ନା, ଆଇଆଇଟି ବାରାଣସୀର ପ୍ରଫେସର ରାଜୀବ ସଙ୍ଗଲ୍, ଆଇଆଇଟି ହାଇଦ୍ରାବାଦର ପ୍ରଫେସର ୟୁ.ବି. ଦେଶାଇ, ମାଣ୍ଡିର ନିର୍ଦ୍ଦେଶକ ପ୍ରଫେସର ଟି.ଏ. ଗୋନ୍‌ଜାଲଭେସ, ଯୋଧପୁରର ପ୍ରଫେସର ସି.ଭି.ଆର. ମୂର୍ତ୍ତି, ପାଟଣାର ପ୍ରଫେସର ପୁଷ୍ପକ ଭଟ୍ଟାଚାର୍ଯ୍ୟ, ରୋପାରର ପ୍ରଫେସର ସରିତ୍ କୁମାର ଦାଶ, ଗାନ୍ଧୀନଗରର ଏକାଡେମିକ୍ ଡିନ୍ ପ୍ରଫେସର ଅମିତ ପ୍ରଶାନ୍ତ ଯୋଗଦେବେ। ଆଇଆଇଟି ଇନ୍ଦୋରର ନିର୍ଦ୍ଦେଶକ ପ୍ରଫେସର ପ୍ରଦୀପ ମାଥୁର, ଗୁଆହାଟିର ନିର୍ଦ୍ଦେଶକ ପ୍ରଫେସର ଗୌତମ ବିଶ୍ୱାସ, ଖଡ଼ଗପୁର ନିର୍ଦ୍ଦେଶକ ପ୍ରଫେସର ପି.ପି. ଚକ୍ରବର୍ତ୍ତୀ ଭିଡିଓ କନ୍‌ଫରେନ୍ସିଂ ମାଧ୍ୟମରେ ସାମିଲ ହେବେ। ଏହା ବ୍ୟତୀତ ଅରୁଗୁଳ କ୍ୟାମ୍ପସର ସ୍ୱଚ୍ଛତା କାର୍ଯ୍ୟକ୍ରମରେ ନିର୍ଦ୍ଦେଶକମାନେ ଅଂଶଗ୍ରହଣ କରି ବୃକ୍ଷରୋପଣ କରିବେ। ଆଇଆଇଟିର ବିଭିନ୍ନ ସ୍କୁଲ, ବିଭାଗର ଅଧିକାରୀଙ୍କ ସହ ସାମିଲ ହେବାର କାର୍ଯ୍ୟକ୍ରମ ରହିଛି। ପ୍ରଥମ ଥର ଲାଗି ଭୁବନେଶ୍ୱରରେ ଏଭଳି ସମ୍ମିଳନୀ କରାଯାଉଥିବା ଅଧ୍ୟାପକ ଏବଂ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଉତ୍ସାହ ଦେଖିବାକୁ ମିଳିଛି।

**ଭୁବନେଶ୍ୱରରେ ପହଞ୍ଚିଲେ ୧୦ ଆଇଆଇଟି ନିର୍ଦ୍ଦେଶକ**